# କେନ୍ଦୁଝର : ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ






କେନ୍ଦୁଝର, ତା୧୧.୧୦.        ଚଳିତ ଅକ୍ଟୋବର ୧୧ ତାରିଖ ବୁଧବାର ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଭୁବନେଶ୍ୱରସ୍ଥିତ ଲୋକ ସେବା ଭବନ କନଭେନସନ ସେଂଟରରେ ମିଶନ ଶକ୍ତି ସ୍କୁଟର ଯୋଜନାର

ଶୁଭାରମ୍ଭ କରିବା ପରେ କେନ୍ଦୁଝର ଜିଲ୍ଲାରେ ମଧ୍ୟ ଉକ୍ତ ଯୋଜନାର ଶୁଭାରମ୍ଭ ହୋଇଯାଇଛି । ଏହି ଅବସରରେ କେନ୍ଦୁଝର ଅଡିଟୋରିୟମ ପରିସରରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଆଶିଷ ଠାକରେ ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ କରିଥିଲେ । ପ୍ରଥମ ପର୍ଯ୍ୟାୟରେ ୬୫୦ଟି ସ୍କୁଟର ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଏବଂ ଏକ୍‌ଜିକ୍ୟୁଟିଭ୍ ମେମ୍ବରମାନଙ୍କୁ ଯୋଗାଇ ଦିଆଯାଇଛି । ସେମାନଙ୍କ ପସନ୍ଦ ମୁତାବକ ସ୍କୁଟର କିଣିବା ପାଇଁ ବିନା ସୁଧରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ୍ ଋଣ ବ୍ୟବସ୍ଥା କରାଯାଇଛି । ଏ ପର୍ଯ୍ୟନ୍ତ ୧୩୦୧ ଜଣଙ୍କର ଋଣ ମଞ୍ଜୁର ହୋଇଛି ଏବଂ ଚଳିତ ଆର୍ଥିକ ବର୍ଷରେ ୬୫୦୦ ଜଣ ମିଶନ ଶକ୍ତି ମା'ଙ୍କୁ ସ୍କୁଟର ଯୋଗାଇଦେବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ଉତ୍ସବରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, କେନ୍ଦ୍ର ସମବାୟ ବ୍ୟାଙ୍କ୍‌ର ସଭାପତି କାନନ ବିହାରୀ ପହି, ଏଲ.ଡି.ଏମ୍. ବ୍ୟାଙ୍କ ଅଫ୍ ଇଣ୍ଡିଆ ରବି ନାରାୟଣ ମହାଲିକ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଡାଃ ମଧୁସ୍ମିତା ସାମନ୍ତରାୟ, ଓରମାସ୍‌ର ଯୁଗ୍ମ ମୁଖ୍ୟ ନିର୍ବାହୀ ଅଧିକାରୀ ସପନ ଗୋସ୍ୱାମୀ, ମିଶନ ଶକ୍ତିର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଶିଶିର କୁମାର ଷଡଙ୍ଗୀ, ଉପ ନିର୍ଦ୍ଦେଶକ, ସୂଚନା ଓ ଲୋକ

ସଂପର୍କ ସଂଜୀବ ବାରିକ, ବିଭିନ୍ନ ବ୍ୟାଙ୍କ୍‌ର କର୍ମକର୍ତ୍ତା, ମିଶନ ଶକ୍ତିର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ ଯେ ମହିଳା ସଶକ୍ତିକରଣ କ୍ଷେତ୍ରରେ ଉକ୍ତ ଯୋଜନା ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ । ଉକ୍ତ ଯୋଜନା ମା'ମାନଙ୍କ ଯାତାୟାତକୁ ସୁବିଧା ଓ ସହଜ କରିବା ସହିତ ବୃତିଗତ କ୍ଷେତ୍ରରେ ନୂଆ ସୁଯୋଗ ଆଣିବ ।

ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସଂପର୍କ, କେନ୍ଦୁଝର